**ନିଖୋଜ ନାବାଳକଙ୍କୁ ବଳି ସନ୍ଦେହ ଘଟଣା**

# ବନ୍ଧାହେଲେ ମହିଳା ପୂଜକ, ୩ ପୁଅ



**ମଙ୍ଗଳା କୋଠିରେ ଅଧିଆ ପଡ଼ିଥିବା ସଞ୍ଜୀବ କେମିତି ନିଖୋଜ ହେଲେ। ଜଙ୍ଗଲକୁ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ କେମିତି ଗଲା। ନରବଳି ନା ଅଙ୍ଗ ଚୋରି ପାଇଁ ନାବାଳକଙ୍କୁ ହତ୍ୟା କରାଗଲା। ଏପରି ପ୍ରଶ୍ନ କେବଳ ଆଠମଲ୍ଲିକ ନୁହେଁ ବରଂ ଅନୁଗୋଳ ଜିଲାବାସୀଙ୍କ ମନରେ ଉଙ୍କି ମାରୁଥିବା ବେଳେ ଘଟଣାର ୮ ଦିନ ପରେ ବି ପୋଲିସ ତାହା ସ୍ପଷ୍ଟ କରିପାରି ନାହିଁ। ତେବେ ୨ ଦିନ ଧରି ମଙ୍ଗଳା କୋଠିର ମହିଳା ପୂଜକ ଓ ତାଙ୍କ ୩ ପୁଅଙ୍କୁ ଅଟକ ରଖାଯାଇଥିବା ବେଳେ ରବିବାର ସେମାନଙ୍କୁ ପୋଲିସ ଗିରଫ କରିଛି। କିନ୍ତୁ ଅଭିଯୁକ୍ତମାନଙ୍କ ନିକଟରୁ କି ତଥ୍ୟ ମିଳିଲା ତାହା ପୋଲିସ କହୁ ନ ଥିବାରୁ ଘଟଣା ଉପରୁ ଏଯାଏ ପରଦା ହଟିପାରି ନାହିଁ।**

ଅନୁଗୋଳ,(ଅମିତ କୁମାର ସାମଲ)/ ବଇଣ୍ଡା,୩୦।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଟୁସର ଗ୍ରାମ ମଙ୍ଗଳା କୋଠିରେ ଅଧିଆ ପଡ଼ିଥିବା କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳ (୧୩)ଙ୍କ ଗଳିତ ମୃତଦେହ ମିଳିବାର ୨ ଦିନ ପରେ ପୋଲିସ ଗିରଫଦାରି ଆରମ୍ଭ କରିଛି। ଗତ ଶୁକ୍ରବାର ଠାରୁ ଅଟକ ଥିବା ମଙ୍ଗଳା କୋଠିର ମହିଳା ପୂଜକ ରୀତାଞ୍ଜଳି ବାଘ (୪୩) ଓ ତାଙ୍କର ୩ ପୁଅ ଦିବ୍ୟରଞ୍ଜନ ବାଘ (୨୩), ଜ୍ୟୋତିରଞ୍ଜନ ବାଘ (୨୨) ଏବଂ ସୌମ୍ୟରଞ୍ଜନ ବାଘ (୨୦)ଙ୍କୁ କିଆକଟା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ଗିରଫ କରିଛନ୍ତି। ତେବେ ନାବାଳକଙ୍କ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ, ଫୋରେନଶିକ୍ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ମିଳିବା ପରେ ଘଟଣା ଉପରୁ ସମ୍ପୂର୍ଣ୍ଣ ପରଦା ହଟିବ ବୋଲି ରବିବାର ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ମୃତ ନାବାଳକଙ୍କ ମା’ ବାସନ୍ତୀ ବିଶ୍ୱାଳ କିଆକଟା ଥାନାରେ ଦେଇଥିବା ଅଭିଯୋଗ ଆଧାରରେ ପୋଲିସ ନଂ. ୬୮/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଛି। କେଉଁ କାରଣରୁ ଅଧିଆ ପଡ଼ିଥିବା ନାବାଳଙ୍କ ମୃତ୍ୟୁ ହେଲା ଓ ଜଙ୍ଗଲରେ ଖଣ୍ଡବିଖଣ୍ଡିତ ମୃତଦେହ ଝୁଲାଇ ଦିଆଗଲା ତାହା ଜାଣିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ମଙ୍ଗଳା କୋଠିରେ ପୂଜାର୍ଚ୍ଚନା ଓ ନାବାଳକ ଅଧିଆ ପଡ଼ିଥିବା ନେଇ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରହିଛି। ଏଥିସହ ମୃତକଙ୍କ ମା’ ଓ ସାଧାରଣ ଲୋକେ ଏହା ବଳିଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରୁଛନ୍ତି। ମହିଳା ପୂଜକଙ୍କ ବିରୋଧରେ ବାସନ୍ତୀ ଅଭିଯୋଗ ଆଣିବା ପରେ ପୋଲିସ ଅପହରଣ, ହତ୍ୟା, ଠକେଇ, ଆପରାଧିକ ଷଡ଼ଯନ୍ତ୍ର, ଗୁଣିଗାରେଡି କରି ଚମତ୍କାରିତା ଦେଖାଇବା ପାଇଁ ଷଡ଼ଯନ୍ତ୍ର ଆଦି ଦଫା ଲଗାଇଛି। ୨ ଦିନ ଧରି ପଚରାଉଚରା କରାଯିବା ପରେ ଅଭିଯୁକ୍ତମାନେ କିଛି ମାତ୍ରାରେ ସତ୍ୟ ଓକାଳିଛନ୍ତି। ତେଣୁ ମହିଳା ପୂଜକ ଓ ତାଙ୍କ ୩ ପୁଅଙ୍କୁ ଗିରଫ କରାଯାଇଛି। ଅବଶିଷ୍ଟ ତଥ୍ୟ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ। ଏହାପରେ ହିଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ। ସେମାନଙ୍କୁ ମାରାଥନ ଜୋରା କରାଯିବ। ତେବେ ମୃତ ନାବାଳକ ସଞ୍ଜୀବ ବିଶ୍ୱାଳଙ୍କ ଶେଷ ସ୍ଥାନ ଥିଓରି ପ୍ରକ୍ରିୟାକୁ ପୋଲିସ ଆପଣାଇଛି। ମୃତ ଦେହରେ ଯେଉଁ ଅଙ୍ଗ ନ ଥିବା କଥା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ, ମୃତଦେହ ଗଛରେ ଝୁଲୁଥିବା ସମୟରେ ହାତ ଥିଲା। ୨ଟି ଗୋଡ଼ ତଳେ ପଡ଼ିଥିଲା। ମୃତ ଦେହରେ କେଉଁଠି ଆଘାତ ରହିଛି, କ୍ଷତ ରହିଛି ତାହା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିବ। ଏଥିସହ ଡାକ୍ତର କ’ଣ ମତ ରଖୁଛନ୍ତି ତାହା ଗୁରୁତ୍ୱ ବହନ କରିବ। କେଉଁ ସମୟରେ ଓ କିଭଳି ମୃତ୍ୟୁ ହୋଇଛି, ବଳି ଦିଆଯାଇଛି କି ନାହିଁ ତାହା ଜଣାପଡ଼ିବ। ଏହାପରେ ହିଁ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇ ପାରିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।



ଗିରଫ ମହିଳା ପୂଜକ ରୀତାଞ୍ଜଳି ବାଘ ଓ ତାଙ୍କ ୩ ପୁଅଙ୍କୁ ପୋଲିସ ହାଜର କରାଇଛି।

- ଏଯାଏ ସ୍ପଷ୍ଟ ହୋଇନି ମୃତ୍ୟୁର କାରଣ
- ବ୍ୟବଚ୍ଛେଦ, ଫୋରେନଶିକ୍ ରିପୋର୍ଟକୁ ଅପେକ୍ଷା
- ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବ ପୋଲିସ



## ରୀତାଞ୍ଜଳି ହିଁ ବଳିଦେଇଛି– ବାସନ୍ତୀ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)



କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଥିବା ସାଧାରଣରେ ସନ୍ଦେହ ବଢୁଥିବା ବେଳେ ମୃତକଙ୍କ ମା’ ବାସନ୍ତୀ ସିଧାସଳଖ ଟୁସରସ୍ଥିତ ମଙ୍ଗଳାକୋଠିର ମହିଳା ପୂଜକ ରୀତାଞ୍ଜଳି ବାଘଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଛନ୍ତି। ପୁଅ ସଞ୍ଜୀବଙ୍କୁ ଭଣ୍ଡ ମାତା ରୀତାଞ୍ଜଳି ବଳି ଦେଇଥିବା ଅଭିଯୋଗ କରିଛନ୍ତି। ବାସନ୍ତୀ କହିଛନ୍ତି, ତାଙ୍କ ପୁଅଙ୍କୁ ବଳି ଦେବା ପାଇଁ ରୀତାଞ୍ଜଳି ଯୋଜନା କରିଥିଲେ। ତେଣୁ ଯୋଜନା ଅନୁଯାୟୀ ତାଙ୍କ ପୁଅଙ୍କୁ ମଙ୍ଗଳା କୋଠିରେ ଶୁଆଇ ଦେଇ ତାଙ୍କୁ ଅନ୍ୟ ଏକ କୋଠରିରେ ଶୁଆଇଥିଲେ। ଅଧିଆ ପଡ଼ିଥିବା ୨୨ ତାରିଖ ରାତିରେ ହିଁ ତାଙ୍କ ପୁଅଙ୍କୁ ରୀତାଞ୍ଜଳି ବଳି ଦେଇଥିବା ବାସନ୍ତୀ କହିଛନ୍ତି।

## ବାସନ୍ତୀଙ୍କୁ ଆଶ୍ୱାସନା ଦେଇଥିଲେ ରୀତାଞ୍ଜଳି

ଅନୁଗୋଳ,୩୦।୭ (ଅମିତ କୁମାର ସାମଲ)



ଟୁସର ଗ୍ରାମର ମଙ୍ଗଳା କୋଠିରୁ ଗତ ୨୨ ତାରିଖ ରାତିରେ ପୁଅ ନିଖୋଜ ହୋଇଯିବା ପରେ ୨୩ ତାରିଖ ଭୋର୍ ସମୟରୁ ହିଁ ମା’ ବାସନ୍ତୀ ବିଶ୍ୱାଳ ବିବ୍ରତ ହୋଇପଡ଼ିଥିଲେ। ପୁଅକୁ ଚାରିଆଡ଼େ ଖୋଜାଖୋଜି କରୁଥିବା ବେଳେ ତାଙ୍କୁ ମହିଳା ପୂଜକ ରୀତାଞ୍ଜଳି ମା’ ମଙ୍ଗଳାଙ୍କ କୃପା କଥା କହି ଆଶ୍ୱାସନା ଦେଉଥିଲେ। ରୀତାଞ୍ଜଳି କହିଥିଲେ, ତୁମ ପିଲା କୁଆଡ଼େ ଯାଇନାହିଁ, ତାକୁ ମା’ ମଙ୍ଗଳା କେଉଁଠି ଲୁଚାଇ ଦେଇଛନ୍ତି। ଏ ହେଉଛି ମା’ଙ୍କ ଅପାର କୃପା। ଭାଗ୍ୟରେ ଥିଲେ ମା’ ମଙ୍ଗଳା ତୁମ ପୁଅକୁ କାନି ତଳେ ଘୋଡ଼ାଇ ରଖିଥିବେ। ତେଣୁ ଏଥିରେ ଭୟ କରିବାର ନାହିଁ। ତୁମ ମନସ୍କାମନା ପୂରଣ ହୋଇଥିବାରୁ ମା’ ତାଙ୍କୁ ରଖିଛନ୍ତି। ତୁମେ କାହାକୁ କିଛି କହିବା ଦରକାର ନାହିଁ। ଧୈର୍ଯ୍ୟ ଧର ମା’ ତୁମ କୋଳକୁ ପୁଅକୁ ଫେରାଇ ଦେବେ।

## ୧୪ ବର୍ଷ ତଳେ ସ୍ଥାପନ ହୋଇଥିଲା ମଙ୍ଗଳା କୋଠି

ଅନୁଗୋଳ,୩୦।୭ (ଅମିତ କୁମାର ସାମଲ)

ଟୁସର ଗ୍ରାମ ମଙ୍ଗଳା କୋଠିର ମହିଳା ପୂଜକ ରୀତାଞ୍ଜଳି ବାଘ(୪୩)ଙ୍କ ସ୍ୱାମୀ ହର ବାଘ ଦୀର୍ଘ ୧୫ ବର୍ଷ ହେବ ତାଙ୍କୁ ଛାଡ଼ି ଅନ୍ୟତ୍ର ରହୁଛନ୍ତି। ତେବେ ମହିଳା ଜଣଙ୍କ ସ୍ୱାମୀ ପରିତ୍ୟକ୍ତା ହେବା ପରେ ମା’ ମଙ୍ଗଳାଙ୍କ ସାଧକ ସାଜିଥିଲେ। ୧୪ ବର୍ଷ ପୂର୍ବରୁ ତାଙ୍କ ଘରକୁ ଲାଗି ମଙ୍ଗଳା ମା’ଙ୍କ କୋଠି ସ୍ଥାପନ କରି ସାଧନା କରୁଥିଲେ। ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସେ ନିଜେ ନାନା ଆଦେଶ, ଆଶୀର୍ବାଦ ଦେଉଥିଲେ। ଲୋକଙ୍କ ବିଶ୍ୱାସ ଜିଣିବା ପରେ ଚମତ୍କାରିତା ଦେଖାଇବାକୁ କହି ସେମାନଙ୍କ ନିକଟରୁ ମୋଟା ଅଙ୍କର ଟଙ୍କା ଚକ୍ରୁ କରୁଥିଲେ ବୋଲି ପୋଲିସର ପଚରାଉଚରା ବେଳେ ଜଣାପଡ଼ିଛି।



ଟୁସର ଗ୍ରାମରେ ଥିବା ରୀତାଞ୍ଜଳି ବାଘଙ୍କ ମଙ୍ଗଳା କୋଠି।

## କଠୋର କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ବଇଣ୍ଡା,(ପରିକ୍ଷିତ ସାହୁ)/ ମାଧପୁର,୩୦।୭ (ମନୋଜ ପ୍ରଧାନ)

ଅନୁଗୋଳ ଜିଲା କିଆକଟା ଥାନା ଟୁସର ମଙ୍ଗଳା କୋଠିରୁ ନିଖୋଜ ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ହେବା ପରେ ଆଠମଲ୍ଲିକ ବ୍ଲକ ସୁବର୍ଣ୍ଣପୁରସ୍ଥିତ ତାଙ୍କ ଗାଁକୁ ରାଜନେତାମାନେ ଯାଇ ସମବେଦନା ଜଣାଉଥିବା ଦେଖିବାକୁ ମିଳୁଛି। ଶନିବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୃତକଙ୍କ ଗାଁକୁ ଯାଇ ପରିବାର ଲୋକଙ୍କୁ ଭେଟିଥିବା ବେଳେ ରବିବାର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ସୁବର୍ଣ୍ଣପୁର ଗସ୍ତରେ ଯାଇଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଆଠମଲ୍ଲିକ ବିଧାନସଭା ସଂଯୋଜକ ଡାକ୍ତର ଅଲେଖ ପ୍ରଧାନ, ଅଜିତ ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଜିତ ପ୍ରଧାନ, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଅଖିଳ ପ୍ରଧାନ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ମହାଖୁଡ, ଝରିଆ ପ୍ରଧାନ, ସରୋଜ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଭାଜପା ନେତାମାନେ ମୃତକଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ବୁଝିବା ସହ ସମବେଦନା ଜଣାଇଥିଲେ। ଭାଜପା ପକ୍ଷରୁ କୁହାଯାଇଛି, କିଆକଟା ପୋଲିସର ଅବହେଳା ଯୋଗୁ ନିରୀହ ନାବାଳକଙ୍କ ଜୀବନ ଚାଲିଯାଇଛି। ବଳି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବଣଜଙ୍ଗଲ ମଧ୍ୟରେ ଥିବା ଏହି ଗାଁକୁ ଭଲ ରାସ୍ତା ନ ଥିବାରୁ ପ୍ରଶାସନ ଦୃଷ୍ଟି ଦେବା ସହିତ ଅଞ୍ଚଳରେ ବ୍ୟାପକ ଜନ ସଚେତନତାର ଆବଶ୍ୟକ ଅଛି। ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଭାଜପା ନେତା ଅଲେଖ ପ୍ରଧାନ କହିଛନ୍ତି।



ମୃତକଙ୍କ ପରବାର ସଦସ୍ୟଙ୍କୁ ସାକ୍ଷାତ କରୁଛନ୍ତି ଭାଜପା ପ୍ରତିନିଧି ଦଳ।

## ପ୍ରଚାରକ ସାଜିଥିଲେ ୩ ପୁଅ

ଅନୁଗୋଳ,୩୦।୭ (ଅମିତ କୁମାର ସାମଲ)

ମଙ୍ଗଳା କୋଠିରେ ପୂଜାର୍ଚ୍ଚନା, ଅଧିଆ ପଡ଼ିଲେ ମାନସିକଧାରୀଙ୍କ ମନୋସ୍କାମନା ପୂରଣ ହୋଇଥାଏ ବୋଲି ମହିଳା ପୂଜକ ରୀତାଞ୍ଜଳିଙ୍କ ୩ ପୁଅ ବିଦ୍ୟ, ଜ୍ୟୋତି ଓ ସୌମ୍ୟ ବିଭିନ୍ନ ସମୟରେ ଲୋକଙ୍କୁ ଜଣାଉଥିଲେ। ଏହା କହି ସେମାନେ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ବିଭିନ୍ନ ସ୍ଥାନରେ ଲୋକଙ୍କୁ ମା’ ମଙ୍ଗଳା ପ୍ରତ୍ୟକ୍ଷ ଭାବେ ଟୁସରରେ ଥିବା କଥା କହି ଭୁଆଁ ବୁଲାଉଥିଲେ। କେତେଜଣ ଲୋକ ସେମାନଙ୍କ କଥାକୁ ବିଶ୍ୱାସ କରି କୋଠିକୁ ଆସି ପୂଜାର୍ଚ୍ଚନା କରିବା ସହ ଟଙ୍କା ଦେଉଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ମୃତକଙ୍କ ପରିବାରକୁ ସହାୟତା

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ସୁବର୍ଣ୍ଣପୁର ଗ୍ରାମର ମୃତ ସଞ୍ଜୀବଙ୍କ ପରିବାରକୁ ରବିବାର ସାମାଜିକ କର୍ମୀ ଅର୍ଜୁନ ସାହୁ ଭେଟି ସମବେଦନା ଜଣାଇଛନ୍ତି। ଏଭଳି ଘଟଣାକୁ ସେ ନିନ୍ଦା କରିବା ସହ ସରକାର ଗମ୍ଭୀରତା ସହ ନେଇ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥିସହ ସଞ୍ଜୀବଙ୍କ ମା’ ବାସନ୍ତୀ ବିଶ୍ୱାଳଙ୍କୁ ୧୨ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଅଏଡା ସରପଞ୍ଚ ସୁଭାଷିନୀ ସେଠୀ, ଭଜମନ ବାରିକ, ପ୍ରକାଶ କର୍ଣ୍ଣ, ପ୍ରଭାକର ନାୟକ, ପ୍ରବୀର କ୍ଷେତି, ଅରବିନ୍ଦ କ୍ଷେତି, ପ୍ରତାପ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି ସାମାଜିକ କର୍ମୀ।

## ଗାଡ଼ି ପୋଡ଼ି ନେଇ ୩୬୬ ଜଣଙ୍କ ନାମରେ ମାମଲା

ଅନୁଗୋଳ, ୩୦।୭ (ଅମିତ କୁମାର ସାମଲ)

ଆଠମଲ୍ଲିକ ବ୍ଲକ କିଆକଟା ଥାନା ନିକଟସ୍ଥ ଜଙ୍ଗଲରୁ ନାବାଳକ ସଞ୍ଜୀବ ବିଶ୍ୱାଳଙ୍କ ମୃତଦେହ ଠାବ କରାଯିବା ପରେ ଘଟଣାସ୍ଥଳକୁ ପୋଲିସ ଯାଇଥିଲା। ହେଲେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କହିବା ସହ କିଆକଟା ପୋଲିସ ଭ୍ୟାନ୍ (ନଂ ଓଡି୦୫ପି-୨୭୪୮)ରେ ନିଆଁ ଲଗାଇ ଦେଇଥିବା ଗୃହରକ୍ଷୀ ନରେନ୍ଦ୍ର କୁମାର ଦେହୁରୀ ଶନିବାର ସକାଳେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୯/୨୩ରେ ମାମଲା ରୁଜୁ କରିଛି। ନରେନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି, ଟୁସର, ସୁବର୍ଣ୍ଣପୁର, ଶାନ୍ତପୁର, ମୁଣ୍ଡାପଡ଼ା, କିଆକଟା, ଟିକିରାସାହି, ବାସୁଦେବପୁର, ଭୋଇପଡ଼ା, ବରେଣୀ ଆଦି ଅଞ୍ଚଳର ୩୬୬ ଜଣ ଏହି କାଣ୍ଡ ଭିଆଇଛନ୍ତି। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ନାମ ଉଲ୍ଲେଖ କରାଯାଇଥିବାବେଳେ ୩୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମ୍ପୃକ୍ତି ଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।



ଉତ୍ତେଜନା ବେଳେ ପୋଡ଼ି ଦିଆଯାଇଥିବା କିଆକଟା ଥାନା ଗାଡ଼ି।

## ସୁରକ୍ଷା ପାଇଁ ପୋଲିସ ମୁତୟନ



ମାଧପୁର,୩୦।୭(ମନୋଜ ପ୍ରଧାନ)

ଟୁସର ଗ୍ରାମରେ ଥିବା ବିବାଦୀୟ ମଙ୍ଗଳା କୋଠିକୁ ନେଇ ଦିନକୁ ଦିନ ନୂଆ ନୂଆ ଅଭିଯୋଗ ପଦାକୁ ଆସିବାରେ ଲାଗିଛି। ପୂର୍ବରୁ ଏଠାକୁ ଆସିଥିବା କେତେଜଣ ଝିଅ ନିଖୋଜ ରହିଥିବା କୁହାଯାଉଥିବାରୁ ଏହି କୋଠିକୁ ନେଇ ଗାଁରେ ଭୟ ଓ ଅସନ୍ତୋଷ ଲାଗି ରହିଛି। ତେଣୁ ପ୍ରଶାସନ ଅଧକ ବିଳମ୍ବ ନ କରି ତୁରନ୍ତ ଏହି କୋଠିକୁ ମାଟିରେ ମିଶାଇ ଦେବାକୁ ଦାବି ବଢ଼ୁଛି। ଅନ୍ୟପକ୍ଷରେ ପୋଲିସ ଏହି କୋଠିକୁ ତଦନ୍ତ ପରିସରଭୁକ୍ତ କରିଛି। ଶନିବାର ପୋଲିସ ଟିମ୍ ଏଠାରେ ତଦନ୍ତ କରିଥିବା ବେଳେ ଆଗାମୀ ଦିନରେ ମଧ ଅଧିକ ତଦନ୍ତ କରାଯିବ ବୋଲି କୁହାଯାଇଛି। ତେଣୁ ତଦନ୍ତ ଶେଷ ହେବା ଯାଏ କୋଠିକୁ ସୁରକ୍ଷା ଦେବାକୁ ସେଠାରେ ପୋଲିସ ମୁତୟନ କରାଯାଇଥିବା ଦେଖାଯାଇଛି।

## ମଙ୍ଗଳା କୋଠିକୁ ନେଇ ଛାତ୍ରୀଛାତ୍ର ଭୟଭୀତ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଟୁସର ଗ୍ରାମରେ ଥିବା ମଙ୍ଗଳା କୋଠିକୁ ନେଇ ଏବେ ଗାଁର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ସେମାନଙ୍କ ଅଭିଭାବକମାନେ ମଧ ନାନା ଆଶଙ୍କା ମଧ୍ୟରେ ରହିଛନ୍ତି। ଗାଁ ହାଇସ୍କୁଲ ନିକଟରେ ଉକ୍ତ ମଙ୍ଗଳା କୋଠି ଥିବାରୁ ନିଜ ପିଲାଙ୍କୁ ଅଭିଭାବକମାନେ ପାଠ ପଢ଼ିବାକୁ ଛାଡ଼ିବେ କି ନାହିଁ ତାହାକୁ ନେଇ ସେମାନେ ଚିନ୍ତାରେ ପଡ଼ିଛନ୍ତି। ଏପରି କି ନିଖୋଜ ସଞ୍ଜୀବଙ୍କ ମୃତଦେହ ମିଳିବା ପୂର୍ବରୁ ମଙ୍ଗଳା କୋଠିକୁ ନେଇ ନାନା ଚର୍ଚ୍ଚା ହେବା ପରଠାରୁ ଏହି ଭୟ ସେମାନଙ୍କ ମନରେ ବସା ବାନ୍ଧିଛି। ଏହି କାରଣରୁ ଗତ ଶୁକ୍ରବାର ଦିନ ମଧ ସ୍କୁଲରେ ପିଲାଙ୍କ ସଂଖ୍ୟା ସେପରି ନ ଥିଲା। ଶନିବାର ଓ ରବିବାର ଛୁଟି ପରେ ସୋମବାରଠାରୁ ସ୍କୁଲ ଖୋଲିବାକୁ ଥିବାରୁ ପିଲାଙ୍କ ଉପସ୍ଥାନ କମିବ ବୋଲି ଅଭିଭାବକମାନେ କହିଛନ୍ତି।



## ମୃତଦେହରୁ ବହୁ ଅଙ୍ଗ ଗାଏବ ଅଭିଯୋଗ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କ ମୃତ ଶରୀରରୁ ବହୁ ଅଙ୍ଗ ଗାଏବ ହୋଇଯାଇଥିବା ସମ୍ପର୍କୀୟ ଗଣେଶ୍ୱର ଦେହୁରୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବ୍ୟବଚ୍ଛେଦ ପରେ ଶନିବାର ରାତି ୧୧ଟାରେ ମୃତ ଶରୀରକୁ କିଆକଟା ପୋଲିସ ଗାଁକୁ ଆଣିଥିଲା। ରବିବାର ସକାଳେ ମୃତଦେହ ପୋଡ଼ାଯିବ ବୋଲି ପରିବାର ଓ ସମ୍ପର୍କୀୟମାନେ କହିଥିଲେ ହେଁ ପୋଲିସ ତାହା ଶୁଣି ନ ଥିଲା। ବରଂ ତୁରନ୍ତ ରାତିରେ ହିଁ ତରିବରିଆ ଭାବେ ପୋଲିସ ଉପସ୍ଥିତ ରହି ମୃତଦେହ ପୋଡ଼ି ଦେଇଥିଲା। ସଞ୍ଜୀବଙ୍କ ଶରୀରରେ ଆଖି, କିଡ୍‌ନୀ, ଲିଭର, ହାତ, ଗୋଡ଼ ନ ଥିଲା। ତେଣୁ ଅଙ୍ଗଗୁଡ଼ିକୁ ବିକ୍ରି କରିଦିଆଯିବା ପରେ ବଳି ଦିଆଯାଇଥିବା ଗଣେଶ୍ୱର ଅଭିଯୋଗ କରିଛନ୍ତି।

## କୋଠି ଉଚ୍ଛେଦ କରା ନ ଗଲେ ଆନ୍ଦୋଳନ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ କିଆକଟା ଥାନା ଟୁସର ଗ୍ରାମରେ ଥିବା ମଙ୍ଗଳା କୋଠିକୁ ଉଚ୍ଛେଦ କରିବା ପାଇଁ ଜୋରଦାର ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ରବିବାର ଗ୍ରାମରେ ଉତେଜନା ଦେଖାଦେଇଥିଲା। ଗ୍ରାମର ମହିଳା ଓ ପୁରୁଷମାନେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀ ପୋଲିସ ସହ ଯାଇ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ମଙ୍ଗଳା କୋଠିରେ ଅଧିଆ ପଡ଼ିଥିବା ସୁବର୍ଣ୍ଣପୁର ଗ୍ରାମର ନାବାଳକଙ୍କ ମୃତଦେହ ଉଦ୍ଧାର ପରେ ବଳି ସନ୍ଦେହ କରାଯାଉଥିବାରୁ ଗ୍ରାମବାସୀ ଆତଙ୍କିତ ଥିବା ଓ ଶିଶୁମାନେ ଘରୁ ବାହାରିପାରୁ ନ ଥିବା ସେମାନେ ପ୍ରକାଶ କରିଥିଲେ। ଏ ପରିକି ପୂର୍ବରୁ ଏହି କୋଠିକୁ ୫ ଜଣ ଝିଅ ଆସି ନିଖୋଜ ଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏହି କୋଠି ନିକଟରେ ହାଇସ୍କୁଲ ଓ ଏଏନଏମ ସେଣ୍ଟର ଥିବାବେଳେ ପିଲାମାନେ ପଢିଯିବାକୁ ଭୟ କରୁଛନ୍ତି ଏବଂ ଗର୍ଭବତୀମାନେ ଏଏନ୍‌ଏମ୍ ସେଣ୍ଟରକୁ ଯିବାକୁ ମଙ୍ଗୁ ନ ଥିବା ଗ୍ରାମବାସୀ କହିଛନ୍ତି। ପୁରା ଗାଁ ଏ ନେଇ ଭୟଭୀତ ଥିବାରୁ ତୁରନ୍ତ ଏହି କୋଠିକୁ ଭାଙ୍ଗିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଏକ ବଡ଼ଧରଣ ଆନ୍ଦୋଳନ କରାଯିବ। ଏ ନେଇ ମୋନେ ଜିଲାପାଳଙ୍କୁ ମଧ ଅବଗତ କରାଇଛନ୍ତି। ଗ୍ରାମବାସୀଙ୍କ ଦାବି ପରେ ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ ଉକ୍ତ କୋଠିରେ ତାଲା ପକାଇ ସିଲ୍ କରିଛନ୍ତି। ଏହି କୋଠିକୁ ନେଇ ତଦନ୍ତ ଚାଲିଛି ଓ ରିପୋର୍ଟ ଆସିବା ପରେ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ଟୁସର ଗ୍ରାମରେ ଥିବା ମଙ୍ଗଳା କୋଠି ଉଚ୍ଛେଦ କରିବାକୁ ଅଞ୍ଚଳର ମହିଳା ପୁରୁଷମାନେ ଜୋର୍‌ଦାର ଦାବି କରୁଛନ୍ତି।

## ସଂକ୍ଷେପରେ

### ଘରୁ ସାପ ଉଦ୍ଧାର



**ଢେଙ୍କାନାଳ, ୩୦।୭(ରତନ ନାୟାର)** ଢେଙ୍କାନାଳ ସହରସ୍ଥିତ ମହିଷାପାଟ ଅଞ୍ଚଳର ପ୍ରଦ୍ୟୋତ ଜେନାଙ୍କ ଘରୁ ରବିବାର ଏକ ବିରଳ ପ୍ରଜାତିର ସାପ ଉଦ୍ଧାର ହୋଇଛି। ସାପ ଉଦ୍ଧାରକାରୀ ଦଳର ସଦସ୍ୟ ସୂର୍ଯ୍ୟକାନ୍ତ ବେହେରା ଏହାକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଛନ୍ତି। ସୂର୍ଯ୍ୟକାନ୍ତଙ୍କ କହିବା କଥା, ଏହି ପ୍ରଜାତିର ସାପକୁ ସ୍ଥାନୀୟ ଅଞ୍ଚଳରେ ବିଲେଇ ଆଖିଆ ସାପ ବୋଲି କହିଥାଆନ୍ତି। ସାଧାରଣତଃ ଏମାନେ ପାହାଡ଼ିଆ ଅଞ୍ଚଳରେ ଦେଖାଯାଆନ୍ତି। ବର୍ଷାଋତୁରେ ସେମାନେ ଜଳସ୍ରୋତରେ ପାହାଡ଼ ତଳି ଅଞ୍ଚଳକୁ ଚାଲିଆସିଥାନ୍ତି।

### ସାପ କାମୁଡ଼ାରେ ବୃଦ୍ଧା ମୃତ

**କାମାକ୍ଷାନଗର, ୩୦।୭(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଲିଗୋରଡ଼ା ପଞ୍ଚାୟତ ଅଧୀନ ଖଟଖୁରା ଗ୍ରାମର ବଟି ପାତ୍ରଙ୍କ ସ୍ତ୍ରୀ ଦର୍ପଣୀ (୭୫)ଙ୍କ ରବିବାର ଅପରାହ୍ନରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଘର ବାରିପଟେ ଘାସ କାଟୁଥିବାବେଳେ କୌଣସି ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଙ୍ଗନୱାଡି ସହାୟିକାଙ୍କୁ ଦକ୍ଷତା ବୃଦ୍ଧି ତାଲିମ

**ରାସୋଳ, ୩୦।୭(ସରୋଜ ମିଶ୍ର)**

ହିନ୍ଦୋଳ ବ୍ଲକ ବାଙ୍କଟିଆସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ପରିସରରେ ଅଙ୍ଗନୱାଡି ସହାୟିକାଙ୍କୁ ନେଇ ଏକଦିବସୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଆଇସିଡିଏସ୍ ସୁପରଭାଇଜର ପ୍ରିୟମ୍ବଦା ନାହାକ, ଅନୁଷ୍ଠାନର ସଭାପତି ଶ୍ରୀନିବାସ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ୩୪ଟି ଅଙ୍ଗନୱାଡି କେନ୍ଦ୍ରର ସହାୟିକା ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାକ୍ ଶିକ୍ଷାରେ ସହାୟିକାଙ୍କ ସହଭାଗିତା, ଦାୟିତ୍ୱ ଟିଏଲ୍ଏମ୍ ପ୍ରସ୍ତୁତ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୀମାରାଣୀ ବିଶ୍ୱାଳ, ସଂଯୋଜିକା ସ୍ୱାଗତିକା ରାଉତ, ସୌମ୍ୟଶ୍ରୀ ସାହୁ ପ୍ରମୁଖ ତାଲିମ ଦେଇଥିଲେ। ସମ୍ପାଦକ ରାଜେନ୍ଦ୍ର ପାଳ ମଞ୍ଚ ପରିଚାଳନା କରିଥିଲେ।

### ହିତେଶ ଛାତ୍ର କଂଗ୍ରେସ ସଭାପତି



**ଢେଙ୍କାନାଳ, ୩୦।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ହିତେଶ କୁମାର ହୋତା ମନୋନୀତ ହୋଇଛନ୍ତି। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ୍ଙ୍କ ସୁପାରିସକ୍ରମେ ସର୍ବଭାରତୀୟ ଛାତ୍ର କଂଗ୍ରେସ ସଭାପତି ନିରଜ କୁନ୍ଦନ ତାଙ୍କୁ ଏହି ପଦବୀ ଲାଗି ଚୟନ କରିଛନ୍ତି। ଦଳ ପକ୍ଷରୁ ମିଳିଥିବା ଗୁରୁଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବେ ବୋଲି ହିତେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିପାଇଁ ସେ ଜାତୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ୍ ଗାନ୍ଧୀ, ପିସିସି ସଭାପତି ଶରତ ପଟ୍ଟନାୟକ, ଜିଲା ସଭାପତି ସରୋଜ ପଟ୍ଟନାୟକ ଏବଂ ଯୁବ ସଭାପତି ଶୁଭମ୍ ଦାଶଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ୨୫ ଗୋରୁ ଉଦ୍ଧାର, ୪ ଗିରଫ

### ଧରାପଡ଼ିଲା ଆନ୍ତଃ ଜିଲା ଗୋ-ଚାଲାଣ ର୍ୟାକେଟ୍

**ଢେଙ୍କାନାଳ, ୩୦।୭(ରତନ ନାୟାର)**



ଢେଙ୍କାନାଳ ସଦର ଭାପୁର ଫାଣ୍ଡି ଅଧୀନ ଶଙ୍କରପୁର ରାସ୍ତାରୁ ରବିବାର ଅପରାହ୍ନରେ ଏକ ଆନ୍ତଃ ଜିଲା ଗୋ-ଚାଲାଣ ର୍ୟାକେଟ୍ ଧରାପଡ଼ିଛି। ୨ଟି ପିକ୍ଅପ୍ ଭ୍ୟାନ୍‌ରେ ଚାଲାଣ ହେଉଥିବା ୨୫ଟି ଗୋରୁଙ୍କୁ ପୋଲିସ ଜବତ କରିଛି। ଅଣନିଃଶ୍ୱାସୀ ହୋଇ ମରିଯାଇଥିବା ଗୋଟିଏ ଗାଈ ମଧ୍ୟ ଗାଡ଼ିରୁ ମିଳିଛି। ଏହି ଘଟଣାରେ କଟକ ଜିଲା ବଡ଼ମ୍ବା ଥାନା କୋଟପାଳ ଗ୍ରାମର ସରବର ଖାଁ (୧୯), ଉତ୍ତରପ୍ରଦେଶ ଆଗ୍ରା ରାମବାଗ୍ ରୋଡ୍ ଗୋଲି ଅଞ୍ଚଳର ଆସିଫ୍ ଖାଁ (୨୩), ତାଳବରକୋଟ ଗ୍ରାମର ଫିରୋଜ ଖାଁ (୨୩) ଏବଂ ମାତହର ଖାଁ (୨୩) ଗିରଫ ହୋଇଛନ୍ତି। ଗୋରୁଗୁଡ଼ିକୁ ଢେଙ୍କାନାଳ ଜିଲା ତାଳବରକୋଟ ଅଞ୍ଚଳରୁ କଟକ ଜିଲା ଟିଗିରିଆକୁ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ସୂଚନା ପାଇବା ପରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ସଦଳବଳ ଚଢ଼ାଉ କରିଥିଲେ। ସ୍ଥାନୀୟ ସରପଞ୍ଚ ରବି ବେହେରା, ପ୍ରାଣୀଧନ ଚିକିତ୍ସକ ଡା. ଲକ୍ଷ୍ମୀନାରାୟଣ ନନ୍ଦ, ଆମ ପୋଲିସ ସଦସ୍ୟଙ୍କ ସହାୟତାରେ ଅତି ଦୟନୀୟ ଅବସ୍ଥାରେ ବନ୍ଧାଯାଇଥିବା ଗୋରୁଙ୍କୁ ମୁକ୍ତ କରାଯାଇଥିଲା। ମୃତ ଗାଈଟିର ବ୍ୟବଚ୍ଛେଦ ସୋମବାର ସକାଳେ କରାଯିବ।

ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଉତ୍ତରପ୍ରଦେଶର ବୋଲି ସ୍ପଷ୍ଟ ହୋଇଛି। ଫଳରେ ଏହି ବେଆଇନ ଗୋ-ଚାଲାଣରେ ଏକ ଆନ୍ତଃରାଜ୍ୟ ର୍ୟାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ଏଥିରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ରହିଥିବା ପୋଲିସକୁ ଖିଅ ମିଳିଛି। ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି।

# ୨ ପେସାଦାର ଅପରାଧୀ ଗିରଫ

**ଢେଙ୍କାନାଳ, ୩୦।୭(ରତନ ନାୟାର)**

ଢେଙ୍କାନାଳ ସଦର ଏବଂ କାମାକ୍ଷାନଗର ଥାନା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ୨ ପେସାଦାର ଅପରାଧୀ ପୋଲିସ ଜାଲରେ ପଡ଼ିଛନ୍ତି। ସେମାନେ ହେଲେ ଆଲୋକ ସାସ୍ମଲ ଓରଫ୍ ଚଣିଆ ଏବଂ ସତ୍ୟବ୍ରତ ପଣ୍ଡା ଓରଫ୍ ପିନୁ। ଅଭିଯୁକ୍ତଙ୍କ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ରବିବାର ଅପରାହ୍ନରେ ଟାଉନ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି।

ଗତ ଜୁନ୍ ୩୦ ରାତି ପ୍ରାୟ ୭ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରଞ୍ଜା ଛକଠାରେ ସିମିଳିଆ ଗ୍ରାମର ସୁଶାନ୍ତ ମଲ୍ଲିକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ କାଙ୍କଡ଼ପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ ଓରଫ୍ ପପୁ, ଅଜୟ ବେହେରା, ପବି ବେହେରା, ଆଲୋକ ସାସ୍ମଲ, ସତ୍ୟବ୍ରତ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଏ ନେଇ ସଦର ଥାନାରେ ନଂ. ୫୪୮/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିପୂର୍ବରୁ ପୂର୍ଣ୍ଣଚନ୍ଦ୍ର ଧରାପଡ଼ିଥିଲେ।

ଆଲୋକଙ୍କ ନାମରେ ସଦର ଥାନାରେ ୩ଟି, କାମାକ୍ଷାନଗର ଥାନାରେ ଗୋଟିଏ ଏବଂ ସତ୍ୟବ୍ରତଙ୍କ ନାମରେ ସଦର ଥାନାରେ ଗୋଟିଏ ଆପରାଧିକ ମାମଲା ରହିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ପ୍ରୋବେଶନର ଲରେନ୍ସ ରାଉତରାୟ, ସଦର ଥାନାଧିକାରୀ ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଢେଙ୍କାନାଳ ଜିଲାରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ଲାଗି ଏସ୍‌ପିଙ୍କ ନିର୍ଦ୍ଦେଶରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଏହାପରେ ବିଭିନ୍ନ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କ ଗିରଫଦାରି ଜୋର୍‌ଦାର କରାଯାଇଛି।

# ଉମେଶ ସଭାପତି, ସୁବ୍ରତ ସମ୍ପାଦକ

### ଜିଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**କାମାକ୍ଷାନଗର, ୩୦।୭(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସାଧାରଣ ବୈଠକ କାମାକ୍ଷାନଗର ବ୍ଲକ ରାୟନୃସିଂହପୁର କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉମେଶ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ା, ସମ୍ମାନିତ ଅତିଥି ଭାବେ ସଂଘର ପୂର୍ବତନ ସମ୍ପାଦକ ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ସଂଘର ପଞ୍ଜୀକରଣ, ବ୍ୟାଙ୍କରେ ଜମାଖାତା ଖୋଲିବା, ସ୍ଥାୟୀ କାର୍ଯ୍ୟାଳୟ ଗୃହ ନିର୍ମାଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ପୁନର୍ବାର ଉମେଶ ଦାଶଙ୍କୁ ଚୟନ କରାଯାଇଛି। ସେହିପରି ଉପସଭାପତି ବିପିନ ବିହାରୀ ସାହୁ, ଦିଲୀପ ପାଲ, ବାନାର୍ଜୀ ମହାନ୍ତି, ଜୀବନଜ୍ୟୋତି ବିଶ୍ୱାଳ, ପ୍ରକାଶ ମଲ୍ଲିକ, ଗାୟତ୍ରୀ ପଟ୍ଟନାୟକ, ହରପ୍ରିୟା ଦାସ, ମଞ୍ଜୁବାଳା ବେହେରା, ସରିତା ବିଶ୍ୱାଳ, ସମ୍ପାଦକ ସୁବ୍ରତ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ରାମକୃଷ୍ଣ ବେହେରା, ତ୍ରିଲୋଚନ ସାହୁ ଚୟନ ହୋଇଛନ୍ତି। ଏଥିସହ ୯ କାର୍ଯ୍ୟନିର୍ବାହୀ ସଭ୍ୟ, ୮ କାଉନ୍‌ସିଲ ସଭ୍ୟ, ୨ କୋପ୍ ମେମ୍ବର ଏବଂ ୫ ଜଣ ଉପଦେଷ୍ଟା କମିଟିକୁ ମନୋନୀତ ହୋଇଛନ୍ତି। ସାଗର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।



ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

# ନାଳକୁ ଖସିଲା ଟ୍ରାକ୍ଟର, ଡ୍ରାଇଭର ମୃତ

**ରାସୋଳ, ୩୦।୭ (ସରୋଜ ମିଶ୍ର)**

ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ଖରଚୁଲି ନାଳକୁ ରବିବାର ଅପରାହ୍ନରେ ଏକ ଟ୍ରାକ୍ଟର ଖସିପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନବକିଶୋରପୁର ଶବରସାହିର ବିରଞ୍ଚି ଦେହୁରୀ (୪୦)। ସୂଚନାଯୋଗ୍ୟ, ଟ୍ରାକ୍ଟରର ଯାନ୍ତ୍ରିକ ତ୍ରୁଟି ସଜାଡ଼ିବାକୁ ମାଲିକଙ୍କ ପରାମର୍ଶକ୍ରମେ ବିରଞ୍ଚି ଗାଡ଼ି ନେଇ ଗଣ୍ଡାନାଳୀ ଯାଉଥିଲେ। ଖରଚୁଲି ବ୍ରିଜ୍ ନିକଟରେ ଟ୍ରାକ୍ଟର ପଛ ଚକ ସୁରକ୍ଷା ଖୁଣ୍ଟରେ ଲାଗିଯାଇଥିଲା। ଫଳରେ ଗାଡ଼ି ଉପରୁ ବିରଞ୍ଚି ଭାରସାମ୍ୟ ହରାଇଥିଲେ ଏବଂ ଟ୍ରାକ୍ଟରଟି ନାଳ ଭିତରକୁ ଖସିପଡ଼ିଥିଲା। ବ୍ରିଜ୍ କାମରେ ନିୟୋଜିତ ଶ୍ରମିକ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାସୋଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ବିରଞ୍ଚିଙ୍କ ଘରେ ସ୍ତ୍ରୀ ଏବଂ ୨ ପୁଅ ଥିବାବେଳେ ତାଙ୍କର ଏଭଳି ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

# 'କବିତା ଲେଖିବା ପାଇଁ ଉତ୍ସାହିତ କର'



ଜିଲା ଲେଖକ ସଂସଦର ବର୍ଷା କବିତା ଆସରରେ ଯୋଗଦେଇଥିବା କବୟିତ୍ରୀମାନେ।

**ଢେଙ୍କାନାଳ, ୩୦।୭(ରତନ ନାୟାର)**

ସାମ୍ପ୍ରତିକ ସମୟର ଘଟଣାବଳୀକୁ ନେଇ କବିମାନେ ଲେଖନୀ ଚାଳନା କରିବା ଉଚିତ। ଏଥିଲାଗି ପାଠକମାନେ ସେମାନଙ୍କୁ ଉତ୍ସାହିତ କରିବା ମଧ୍ୟ ଜରୁରୀ। କେବଳ କବିତା ଲେଖିଲେ କିମ୍ବା ପଠନ କରିଦେଲେ ହେବନାହିଁ, ଏହାର ମୂଲ୍ୟବୋଧକୁ ସାଧାରଣ ଜୀବନରେ ଯେପରି ବ୍ୟବହାର କରାଯାଇପାରିବ ସେ ଦିଗରେ ସମସ୍ତେ ଧ୍ୟାନ ଦେବା ଉଚିତ୍। ଢେଙ୍କାନାଳ ଜିଲା ଲେଖକ ସଂସଦ ପକ୍ଷରୁ ରବିବାର ଶାଣ୍ଡିଲ୍ୟ ବସନ୍ତ ଭବନଠାରେ ଆୟୋଜିତ ବର୍ଷା କବିତା ଆସରରେ ଅନୁଷ୍ଠାନର ଉପଦେଷ୍ଟା ଇନ୍ଦ୍ରମଣି ନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଏଭଳି ଆହ୍ୱାନ ଦେଇଛନ୍ତି। କବି ସୁଶୀଲ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୫୬ଜଣ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ନନ୍ଦିକେଶ୍ୱରୀ ନାଥ, ଉପମା ସାମଲ, ମମତା ମିଶ୍ର ଏହାର ସଂଯୋଜନା କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ସଂସଦର ସଭାପତି ବସନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂସଦର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ, ସଂସଦର ବାର୍ଷିକ ଉତ୍ସବ, ମୁଖପତ୍ର ସପ୍ତରଶ୍ମି ପ୍ରକାଶନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାରଙ୍ଗଧର ମିଶ୍ର, ମାନସୀ କର, ଉପେନ୍ଦ୍ର ରାଉତ, ବିପିନ ବିହାରୀ ଶତପଥୀ, ବୈକୁଣ୍ଠ ବିହାରୀ ସ୍ୱାଇଁ, ବୈଜୟନ୍ତୀ ପଟ୍ଟନାୟକ, ତ୍ରିଲୋଚନ ମହାରଣା, ଅଞ୍ଜନ ସାହୁ, ସୁକାନ୍ତି ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୁରୁ ଗଣେଶ ମିଶ୍ରଙ୍କ ବନ୍ଦେ ମାତରମ୍ ଗାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ମୈତ୍ରୀ ଅଭାବ ଅଶାନ୍ତିର କାରଣ

**ଢେଙ୍କାନାଳ, ୩୦।୭(ରତନ ନାୟାର)**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ବିଶ୍ୱ ମୈତ୍ରୀ ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, ବିଶ୍ୱବ୍ୟାପୀ ଦେଖାଯାଉଥିବା ଅଶାନ୍ତିର ମୂଳ କାରଣ ହେଉଛି ଶାନ୍ତି, ମୈତ୍ରୀ, ବନ୍ଧୁତ୍ୱର ଅଭାବ। ଏଥି ପାଇଁ ଜାତି ଜାତି ମଧ୍ୟରେ ରକ୍ତପାତ ହେଉଛି। ସଭାପତି ପଟ୍ଟନାୟକ କହିଲେ, ଦେଶ ଓ ବନ୍ଧୁତ୍ୱ ଲଢ଼େଇରେ ଦେଶକୁ ତ୍ୟାଗ କରି ବନ୍ଧୁତ୍ୱ ରକ୍ଷା ପାଇଁ ଗୁରୁତ୍ୱ ଦେବେ ବୋଲି ଇଂଲିଶ ଦାର୍ଶନିକ ଇ. ଏମ୍. ଫୋଷ୍ଟର କହିଥିଲେ। ଏଥିରୁ ବନ୍ଧୁତ୍ୱର ମୂଲ୍ୟ କେତେ ତାହା ଅନୁମାନ କରାଯାଇପାରେ। ବକ୍ତା ଭାବେ ଡ. ପ୍ରମୋଦ ନାୟକ, ପରିବେଶବିତ୍ ଉପେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଉମ୍ବରୁଧର ପଣ୍ଡା, ଅବିନାଶ ଦାସ, ଆଡଭୋକେଟ୍ ବର୍ଷା ପଟ୍ଟନାୟକ, ଡ. ଦ୍ୱିପାୟନ ପଟ୍ଟନାୟକ, ଆଡଭୋକେଟ୍ ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଫିସ୍ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ବିଶ୍ୱ ମୈତ୍ରୀ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସାମାଜିକ ପରିବର୍ତ୍ତନରେ ସାମିଲ ହୁଅନ୍ତୁ ବ୍ରାହ୍ମଣ



ସୌର ବ୍ରାହ୍ମଣ ପରିଷଦର ପ୍ରଥମ ସ୍ୱନକ୍ଷତ୍ର ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଢେଙ୍କାନାଳ, ୩୦।୭(ରତନ ନାୟାର)**

ଢେଙ୍କାନାଳ ସୌର ବ୍ରାହ୍ମଣ ପରିଷଦର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ପଣ୍ଡିତ ରଘୁନାଥ ଦାସ ଆଲୋଚନାରେ ଭାଗ ନେଇ କହିଲେ, ବ୍ରାହ୍ମଣମାନେ ସୁସାଧନା ବଳରେ ସମାଜରେ ପରିବର୍ତ୍ତନ ଆଣିପାରିବେ। ଏଥିରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଜିଲା ସୌର ବ୍ରାହ୍ମଣ ପରିଷଦର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲା ସଭାପତି ପୁରୁଷୋତ୍ତମ ନାୟକ, ସମ୍ପାଦକ ପ୍ରଭାତ ନାୟକ, କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାୟକ, ମିଡିଆସେଲ୍ ପ୍ରଭାରୀ ଉପସଭାପତି ଜ୍ୟୋତିଶଙ୍କର ନାୟକ, ଉପସଭାପତି ସୁବାସ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଦେବୀ ପ୍ରସାଦ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ଅମିୟ ନାୟକ, ସାଙ୍ଗଠନିକ ସମ୍ପାଦକ ମନୋଜ ନାୟକ, ଅନ୍ତର୍ଯ୍ୟାମୀ ନାୟକ, ହରପ୍ରସାଦ ନାୟକ, ଲିଗାଲ ଆଡ୍‌ଭାଇଜର ଭାବେ ଗିରିଜା ଶଙ୍କର ନାୟକ ମନୋନୀତ ହୋଇଛନ୍ତି। ସମ୍ପାଦକ ଅମୀୟ ନାୟକ, ସହସମ୍ପାଦକ ଅଚ୍ୟୁତାନନ୍ଦ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ଗଗନ ବିହାରୀ ଆଚାର୍ଯ୍ୟ, ପ୍ରମୋଦ ଆଚାର୍ଯ୍ୟ, ଭରତ ଚନ୍ଦ୍ର ନାୟକ, ଅଶୋକ ପଣ୍ଡିତ ରାୟ, ପ୍ରଦୀପ ନାୟକ ପ୍ରମୁଖ ସଙ୍ଗଠନକୁ ସୁଦୃଢ଼ କରିବା, ବ୍ରାହ୍ମଣଙ୍କ ଅଧିକାର ପାଇଁ ଲଢ଼େଇ କରିବା ଲାଗି ପରାମର୍ଶ ଦେଇଥିଲେ।

# ତତ୍କାଳୀନ ଏସ୍ଆଇଙ୍କ ଆକ୍ରମଣକାରୀ ଗିରଫ

**ଢେଙ୍କାନାଳ, ୩୦।୭(ରତନ ନାୟାର)**

ଢେଙ୍କାନାଳ ସଦର ଥାନାର ତତ୍କାଳୀନ ଏସ୍ଆଇ ତଥା ଏବେକାର ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତ ରବିବାର ବନ୍ଧା ହୋଇଛନ୍ତି। ସେ ହେଲେ କଲିମ ଖାଁ ଓରଫ ଜଗୁ। ଭାପୁର ଫାଣ୍ଡି ଅଞ୍ଚଳରେ ବୁଲୁଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏକ ଯୁବତୀ ଅପହରଣ ମାମଲାର ତଦନ୍ତ କରିବାକୁ ୨୦୨୨ ନଭେମ୍ବର ୧୫ରେ ତତ୍କାଳୀନ ଏସ୍ଆଇ ଚନ୍ଦ୍ରକାନ୍ତ ସେଠୀ ସାଦା ପୋଷାକରେ କଟକ ଜିଲା ଟିଗିରିଆ ଥାନା ପଙ୍କାଳ ଅଞ୍ଚଳକୁ ଯାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ କରି ଆଣୁଥିବାବେଳେ ସେମାନଙ୍କ ସମର୍ଥକମାନେ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଏସ୍ଆଇଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଯୁବତୀ ଅପହରଣ ଘଟଣାରେ ନଂ. ୫୮୦/୨୨ରେ ମାମଲା ରୁଜୁ ହୋଇଥିବାବେଳେ ଏସ୍ଆଇ ସେଠୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଟିଗିରିଆ ଥାନାରେ ଅନ୍ୟ ଏକ ମାମଲା ହୋଇଥିଲା। ଅଭିଯୁକ୍ତ ଜଗୁ ଭାପୁର ଫାଣ୍ଡି ଅଞ୍ଚଳରେ ବୁଲୁଥିବା ସୂଚନା ପାଇ ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ତାଙ୍କୁ ଗିରଫ କରିଥିଲେ।

# ବାଞ୍ଛାକୁସୁମରେ ମଳପଙ୍କ ପରିଚାଳନା କେନ୍ଦ୍ର

### ସହରାଞ୍ଚଳ ପାର୍କ ଲୋକାର୍ପିତ

**ଢେଙ୍କାନାଳ, ୩୦।୭(ରତନ ନାୟାର)**

ଢେଙ୍କାନାଳ ପୌରପାଳିକାରେ ରବିବାର ବିଭିନ୍ନ ଜନହିତକର ପ୍ରକଳ୍ପର ଲୋକାର୍ପଣ ଏବଂ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳରେ ବର୍ଷାଜଳ ନିଷ୍କାସନ ଲାଗି ଗଣେଶ ବଜାର ଗୋପବନ୍ଧୁ ଟାଉନ୍ ହଲ ସମ୍ମୁଖରେ ମାଷ୍ଟର ପ୍ଲାନ ପ୍ରସ୍ତୁତିର ଶୁଭାରମ୍ଭ ହୋଇଛି। ୩ନଂ. ୱାର୍ଡ କୁଞ୍ଜକାନ୍ତରେ ୨୦.୭୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସହରାଞ୍ଚଳ ପାର୍କର ଲୋକାର୍ପଣ କରାଯାଇଛି। ୮ନଂ. ୱାର୍ଡ ବାଞ୍ଛାକୁସୁମଠାରେ ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଅତିରିକ୍ତ ମଳପଙ୍କ ପରିଚାଳନା କେନ୍ଦ୍ରର ଶିଳାନ୍ୟାସ ସମ୍ପନ୍ନ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର ସାମଲ, ନଗରପାଳ ଜୟନ୍ତୀ ପାତ୍ର, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର ପ୍ରମୁଖ ଯୋଗଦେଇଥିଲେ। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, କାଉନ୍‌ସିଲର ଅଭିମନ୍ୟୁ ପଣ୍ଡାଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲର, ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




କୁଞ୍ଜକାନ୍ତ ସହରାଞ୍ଚଳ ପାର୍କ ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ।

## ଚୋରି ଅଭିଯୁକ୍ତ ଗିରଫ

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): ଚୋରି ଉଦ୍ୟମ ଅଭିଯୋଗରେ କଣିହାଁ ଥାନା ପୋଲିସ ରବିବାର ଜଣେ ଯୁବକକୁ ଗିରଫ କରିଛି। ପୋଲିସ କହିଛି, କାକୁଡିଆ ପଞ୍ଚାୟତ ସନ୍ତରାବନ୍ଧ ଗ୍ରାମର ରାଧେଶ୍ୟାମ ନାମଦଳର ଗ୍ରାମ କୋଠଘରେ ହିସାବ ଖାତାପତ୍ର ଓ ୧ଲକ୍ଷ ୪୫ ହଜାର ଟଙ୍କା ରଖିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସେହି ଗ୍ରାମର ଯୁବକଙ୍କ ସହିତ ଅନ୍ୟ ବ୍ୟକ୍ତି ମିଶି ଏହାକୁ ଚୋରି କରିବାକୁ ଉଦ୍ୟମ କରିଥିଲେ। କୋଠଘର ତାଲା ଭାଙ୍ଗିବାର ଶବ୍ଦରେ କେତେଜଣ ଲୋକ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ପଳାଇଥିଲେ। ଏ ନେଇ ନାମଦଳ ତରଫରୁ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୬୭/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଦୀପ ସାହୁଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ତାଳଚେର,୩୦।୭(ମନୋଜ ନନ୍ଦ)

ତାଳଚେର ବ୍ଲକ ହରିହରପୁର-ଶିବରାମପୁର ଏନ୍‌ଟିପିସି ରାସ୍ତାରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମଧ୍ୟାହ୍ନ ସମୟରେ ଏକ ପାଉଁଶ ବୋଝେଇ ଟ୍ରକ୍ (ନଂ. ଓଡି ୧୯କେ-୧୮୨୨ ଦ୍ରୁତ ଗତିରେ ଆସି ବାଇକ୍ (ନଂ. ଓଡି୩୫ଇ-୮୬୯୬)କୁ ଧକ୍କା ଦେଇଥିଲା। ଫଳରେ କଣିହାଁ ବ୍ଲକ ଦଣ୍ଡସିଙ୍ଗା ଗ୍ରାମର ବସନ୍ତ ନାଏକଙ୍କ ପୁଅ ସୁମନ କୁମାର ନାଏକଙ୍କ ମୃତ୍ୟୁ ହୋଇଥିଲା। ସୁମନ କୌଣସି କାମରେ ନିଜ ବାଇକ୍ ଯୋଗେ ଗୋଡିବନ୍ଧ ଆସିଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ତାଳଚେର ଥାନା ପୋଲିସ ଟ୍ରକ୍ ଓ ବାଇକ୍‌କୁ ଜବତ କରିବା ସହ ଅଧିକ ତଦନ୍ତ ଚଳାଇଛି।

# ଡିସେମ୍ବର ସୁଦ୍ଧା ସରିବ ରାଜପଥ କାର୍ଯ୍ୟ: ପ୍ରତାପ

ଅନୁଗୋଳ, ୩୦।୭ (ଅମିତ ସାମଲ)


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଆସନ୍ତା ଡିସେମ୍ବର ସୁଦ୍ଧା କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ଏହା କହିଥିବା ରବିବାର ଅନୁଗୋଳ ଜିଲା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରତାପ କହିଛନ୍ତି, ଗତ ୨୭ ତାରିଖରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ୫୫ ନଂ ଜାତୀୟ ରାଜପଥ କାର୍ଯ୍ୟ ଶେଷ କରିବାକୁ ନୂଆଦିଲ୍ଲୀଠାରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଭୁବନ ଓ କାମାକ୍ଷାନଗର ଦେଇ ଯାଇଥିବା ଡୁବୁରିରୁ ବହ୍ଲର ଛକ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥ, ଗୋଡିବନ୍ଧରୁ ବଅଁରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥର ପ୍ରଶସ୍ତୀକରଣ ସମେତ ଅନ୍ୟ ରାଜପଥ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ୫୫ନଂ. ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଭାଜପା ଅନୁଗୋଳ ନିର୍ବାଚନମଣ୍ଡଳୀ ପକ୍ଷରୁ ଉଭୟ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସେହିପରି ନାଲ୍‌କୋର ଲିଙ୍କ୍ସ୍ଲୁରି ପ୍ରୋଜେକ୍ଟକୁ ୧୬ ଦିନ ଧରି ଅଚଳ କରାଯିବା ପ୍ରସଙ୍ଗକୁ ନେଇ ସେ ତାଳଚେରର ଏକ ସଙ୍ଗଠନକୁ ଟାର୍ଗେଟ୍ କରିଥିଲେ। ଜମିହରାମାନେ ଆନ୍ଦୋଳନ କଲେ ପ୍ରଶାସନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। କିନ୍ତୁ ଉକ୍ତ ଏକ ସଙ୍ଗଠନ ୧୬ ଦିନ ଧରି ଆନ୍ଦୋଳନ କରିଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଆଇନ୍ ସମସ୍ତଙ୍କ ପାଇଁ ସମାନ ରହୁ। ସେହିପରି ଏହି ଖବରଦାତା ସମ୍ମିଳନୀରେ ପ୍ରତାପ ଅନୁଗୋଳ ବିଧାୟକଙ୍କ ବିରୋଧରେ ବର୍ଷିଥିଲେ। ନାଲକୋ ଓ ରାଜପଥ ସମସ୍ୟା ସମ୍ପର୍କରେ ଅନୁଗୋଳ ବିଧାୟକ କାହିଁକି ମୁହଁ ଖୋଲୁନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ବଅଁରପାଳ ଓ ଅନୁଗୋଳ ବ୍ଲକ କାର୍ଯ୍ୟାଳୟ ବର୍ତ୍ତମାନ ବିଜେଡି କାର୍ଯ୍ୟାଳୟ ପାଲଟିଛି ବୋଲି ସେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଯଯାତି ପଟ୍ଟନାୟକ, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରୁ ମୃତଦେହ ଜବତ

ବଇଣ୍ଡା,(ପରିକ୍ଷିତ ସାହୁ)/ ଆଠମଲ୍ଲିକ,୩୦।୭ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମହୀଧରପୁର ଗ୍ରାମର ଶରତ ଚନ୍ଦ୍ର ନାୟକଙ୍କ ମୃତଦେହକୁ ରବିବାର ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀମାନେ ଗ୍ରାମ ପୋଖରୀରୁ ଉଦ୍ଧାର କରିଛନ୍ତି। ଏହାପରେ ଠାକୁରଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ପ୍ରକାଶ ଯେ, ଶରତ ଗ୍ରାମ ପୋଖରୀକୁ ଶନିବାର ଅପରାହ୍ନରେ ଗାଧେଇବା ପାଇଁ ଯାଇଥିଲେ। ସେ ପୋଖରୀରେ ଗାଧେଉଥିବା ବେଳେ ଗୋଡ଼ ଖସିଯିବା ଯୋଗୁ ପାଣିରେ ବୁଡି ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ଫେରି ନ ଥିବା ବେଳେ ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଅଞ୍ଚଳବାସୀ ଠାକୁରଗଡ଼ ଥାନା ଓ ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଠିକ୍ ସମୟରେ ମିଳୁନି ରାଶନ

## ଜିଲାପାଳଙ୍କ ଠାରେ ଅଭିଯୋଗ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ଅନେକ ପଞ୍ଚାୟତରେ ଠିକ୍ ସମୟରେ ରାଶନ ଚାଉଳ ମିଳୁନାହିଁ। ବହୁ ବିଳମ୍ବରେ ହିତାଧିକାରୀମାନଙ୍କୁ ଚାଉଳ ଦିଆଯାଉଥିବାରୁ ଏ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ନୁନୁକାପଶି ପଞ୍ଚାୟତର କେତେଜଣ ହିତାଧିକାରୀ ଶନିବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ବିଶେଷକରି ନୁନୁକାପଶି, ହଣ୍ଡପା, ବିଲେଇନାଳି, ନାକିଚି, ଉରୁକୁଳା, ଅଙ୍ଗପଡା, ଜାମୁନାଳି, ଗାଁ ବଇଣ୍ଡା ଆଦି ପଞ୍ଚାୟତରେ ବହୁ ବିଳମ୍ବରେ ରାଶନ ଚାଉଳ ଦିଆଯାଉଥିବା ସାଧାରଣରେ ଅଭିଯୋଗ ହେଉଛି।

ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି, ନୁନୁକାପଶି ପଞ୍ଚାୟତର ୩ ରିଟେଲରଙ୍କ ଅଧୀନରେ ୮୭୫ ଜଣ ରାଶନ କାର୍ଡଧାରୀ ଅଛନ୍ତି। ହେଲେ ଚଳିତ ମାସର ପ୍ରଥମ ସପ୍ତାହରେ ୬୮୮ ଜଣଙ୍କୁ ଚାଉଳ ବଣ୍ଟନ କରାଯାଇଥିବା ବେଳେ ୧୮୭ ହିତାଧିକାରୀଙ୍କୁ ଚାଉଳ ଦିଆଯାଇ ନାହିଁ। ଫଳରେ ଚାଉଳ ନ ପାଇ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଲିଙ୍କ୍ ନାହିଁ କହି ଫେରାଇ ଦିଆଯାଉଥିବା କେତେଜଣ ହିତାଧିକାରୀ ପ୍ରକାଶ କରିଛନ୍ତି। ସେହିପରି କେତେଜଣ ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠାଣ କରି ହଡପ କରାଯାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦେବା ସହ ମୃତବ୍ୟକ୍ତିଙ୍କ ନାମରେ ଉଠାଣ କରାଯାଉଥିବା ଚାଉଳ ସମ୍ପର୍କରେ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ଯୋଗାଣ ଅଧିକାରୀ ରୁଷଭ ନାୟକ କହିଛନ୍ତି, ରିଟେଲରମାନେ ଚାଉଳ ଉଠାଣ କରିଛନ୍ତି। ଶୀଘ୍ର ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦିଆଯିବ।

# ନୂତନ ଶିକ୍ଷାନୀତି ଆପଣାଇବାକୁ ପରାମର୍ଶ

ବଇଣ୍ଡା,୩୦।୭(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିର ପରିସରରେ ରବିବାର ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ପ୍ରମୁଖ ସଚ୍ଚିଦାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ କିଭଳି ନୂତନ ଶିକ୍ଷାନୀତିକୁ ଆପଣାଇ ପାଠ ପଢ଼ାଇବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ଶରତ ଚନ୍ଦ୍ର ସାହୁ ଯୋଗଦେଇ କିଭଳି ଛାତ୍ରୀଛାତ୍ରଙ୍କୁ ଇଂଲିଶ ପଢ଼ାଯିବ ସେ ସମ୍ପର୍କରେ କହିଥିଲେ। ଏଥିରେ କିଶୋରନଗର, ବାମୁର, ରାଣିଆକଟା, ନାକିଚି, ବଇଣ୍ଡା, ଅନ୍ତୁଳିଆ, ଠାକୁରଗଡ଼, ଆଠମଲ୍ଲିକ, ମାଧପୁର, ପାଇକସାହି ଶିଶୁମନ୍ଦିରର ୭୫ ଜଣ ଆଚାର୍ଯ୍ୟା ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାକୁ ରବୀନ୍ଦ୍ର ନାଥ ଜେନା ପରିଚାଳନା କରିଥିବା ବେଳେ ନିତ୍ୟାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


କର୍ମଶାଳାରେ ଯୋଗଦେଇଥିବା ଆଚାର୍ଯ୍ୟା ଆଚାର୍ଯ୍ୟମାନେ।

# ଲୋଭୀ ଠାକୁରାଣୀ ପୀଠରେ ନୂଆଖାଇ ପର୍ବ


ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବଅଁରପାଳ,୩୦।୭(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀଙ୍କ ନୂଆଖାଇ ପର୍ବ ରବିବାର ପାଳିତ ହୋଇଯାଇଛି। ସକାଳ ୧୦ଟାରେ ତୁଳସୀପାଳସ୍ଥିତ ଦିଅଁଘରୁ ବିରାଟ ଶୋଭାଯାତ୍ରାରେ ଦେବୀଙ୍କ ଆଲମକୁ ଗ୍ରାମ ପରିକ୍ରମା କରାଯାଇ ଗଡ଼ସନ୍ତ୍ରୀସ୍ଥିତ ମା'ଙ୍କ ମନ୍ଦିରକୁ ଅଣାଯାଇଥିଲା। ଏହାପରେ ମା'ଙ୍କ ମାଜଣା ପର୍ବ ହେବା ସହ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଦେବୀଙ୍କ ପାଖରେ ନୂତନ ଶସ୍ୟ ଓ ତାଳ ଲାଗି ହୋଇଥିଲା। ଏହି ପୂଜାକୁ ଉଭୟ ଗ୍ରାମର ଲୋକେ ପରିଚାଳନା କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ଢୋଲ, ନିଶାନ ବାଦ୍ୟ, ହୁଳହୁଳି, ହରିବୋଲ ଧ୍ୱନିରେ ପୂଜା ସ୍ଥଳ ପ୍ରକମ୍ପିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଅଧିଆ ପଡିବା ସହ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା।

# ନୂତନ ବିଦ୍ୱତ ପରିଷଦ ଗଠନ

ଆଠମଲ୍ଲିକ, ୩୦।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମାଜର ବିଦ୍ୱାନ ଓ ଗୁଣୀ ବ୍ୟକ୍ତିମାନଙ୍କୁ ନେଇ ଏକ ବିଦ୍ୱତ୍ ପରିଷଦ ଗଠନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା ଏହି ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବା ପରେ ବରିଷ୍ଠ ଆଚାର୍ଯ୍ୟ ଦିଲୀପ କୁମାର ମିଶ୍ର ଏହି ପରିଷଦ ଗଠନ ନିମନ୍ତେ ପ୍ରସ୍ତାବ ଦେଇଥିଲେ। ନୂତନ ପରିଷଦର ସଭାପତି ଭାବେ ଅବସରପ୍ରାପ୍ତ ଅଧକ୍ଷ ଜୀବର୍ଦ୍ଧନ ବାରିକ, ସମ୍ପାଦକ ଶିକ୍ଷାବିତ୍ ଅକ୍ଷୟ କୁମାର ମିଶ୍ର, ସଦସ୍ୟ ଅବସରପ୍ରାପ୍ତ ଶିକ୍ଷକ ମେଘନାଦ ସାହୁ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ବ୍ରଜଗୋପାଳ ମିଶ୍ର, ବରିଷ୍ଠ ସ୍ୱୟଂସେବକ ଧ୍ରୁବ ଚରଣ ଡଡମାଳି, କମିଟି ଯୁଗ୍ମ ସମ୍ପାଦକ ଶିକ୍ଷକ ମନ୍ମଥ ମେହେର ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ସୁକୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ନୂଆ ବିଦ୍ୱତ ପରିଷଦର କର୍ମକର୍ତ୍ତାମାନେ।

# ଶୈକ୍ଷିକ ବିକାଶରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


କର୍ମଶାଳାରେ ଯୋଗଦେଇଥିବା ମା', ଶିକ୍ଷାନୁଷ୍ଠାନର ଆଚାର୍ଯ୍ୟା, ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ, ୩୦।୭(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଚାଉଳିଆ ଖମାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମା'ମାନଙ୍କୁ ନେଇ 'ଶିଶୁବାଟିକା ମାତୃ କର୍ମଶାଳା' ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପରିଚାଳନା ସମିତି ସଭାପତି ପ୍ରେମାନନ୍ଦ ରାଉତ, ଉପସଭାପତି ବୈକୁଣ୍ଠ ବିହାରୀ ସ୍ୱାଇଁ, ସମ୍ପାଦକ ପତିତପାବନ ରାଉତ, ସଦସ୍ୟା ଅନସୂୟା ବରାଳ ପ୍ରମୁଖ ଯୋଗଦେଇ କହିଲେ, ଶିଶୁଙ୍କ ଶୈକ୍ଷିକ, ମାନସିକ, ଶାରୀରିକ ବିକାଶରେ ବିଦ୍ୟାଳୟ ଏବଂ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁବାଟିକା ପ୍ରମୁଖ ଆଚାର୍ଯ୍ୟା ନୟନା ବେହେରା ଶୈକ୍ଷିକ, ବୌଦ୍ଧିକ ଓ ଲଳିତକଳା ଆଧାରିତ ଚାରୋଟି ପ୍ରାୟୋଗିକ କାଳାଂଶ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ ମିଶ୍ର, ଆଚାର୍ଯ୍ୟେ ନିରୁପମା ନାୟକ, ରୁନୁକୁମାରୀ ନାୟକ, ବିଜୟା ବନ୍ଦିନୀ ବିନ୍ଧାଣୀ, ସୁନୀତା ବିଶ୍ୱାଳ, ମନସ୍ମିତା ବରାଳ, ସସ୍ମିତା ଦାସ, ତ୍ରିଲୋଚନ ବ୍ରହ୍ମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ମୃତ ୭ ଗୋରୁଙ୍କୁ ପୋତିଲେ ସ୍ଥାନୀୟ ଯୁବକ

ତାଳଚେର,୩୦।୭(ମନୋଜ ନନ୍ଦ)

ତାଳଚେର ଦେଇ ଯାଇଥିବା ୧୪୯ ନଂ. ଜାତୀୟ ରାଜପଥର ତାଳବେଡା ନୋଏଣ୍ଟ୍ରିଠାରେ ଶନିବାର ରାତିରେ ଦୁର୍ଘଟଣାରେ ୭ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଦୀର୍ଘ ସମୟ ଧରି ଗୋରୁଙ୍କ ମୃତଦେହ ରାସ୍ତା ଉପରେ ପଡ଼ିଥିଲେ ହେଁ ଗୋରୁ ମାଲିକ, ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ସାମାଜିକ କର୍ମୀ ତାପସ ସାହୁଙ୍କ ସମେତ ଆଲୋକ, ଅଭିଷେକ ବେହେରା, ସିପୁ, ଶିବୁ ମିଶ୍ର, ସତ୍ୟବ୍ରତ ପ୍ରଧାନ ଓ ଗୋସେବକ ସିଦ୍ଧେଶ୍ୱର ସାହୁ ଜେସିବି ସହାୟତାରେ ମୃତ ଗୋରୁଙ୍କୁ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିଲେ। ଏହି କାର୍ଯ୍ୟ ପାଇଁ ସମ୍ପୃକ୍ତ ଯୁବକମାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ମେରାମଣ୍ଡଳୀ ଷ୍ଟେଶନ ରାସ୍ତା ଶୋଚନୀୟ

ଢେଙ୍କାନାଳ, ୩୦।୭(ରତନ ନାୟାର)

ମହାତ୍ମାଙ୍କ ଓଡ଼ିଶା ଆଗମନର ସ୍ମୃତିବହନ କରୁଥିବା ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଖାଲଖମାରେ ଭର୍ତ୍ତି ହୋଇଥିବା ଏହି ସଡ଼କ ସାମାନ୍ୟ ବର୍ଷାରେ କଦର୍ଯ୍ୟ ହୋଇପଡୁଛି। ପାଣି ଜମି ରହିବା କାରଣରୁ ଦୁର୍ଘଟଣା ଘଟୁଛି। କେବଳ ଏତିକି ନୁହେଁ, ରାସ୍ତା ପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତୁରନ୍ତ ଏହାକୁ ମରାମତି କରିବା ଲାଗି ସାଧାରଣରେ ଦାବି ହୋଇଛି।


ଶୋଚନୀୟ ହୋଇପଡ଼ିଥିବା ମେରାମଣ୍ଡଳୀ ଷ୍ଟେଶନ ରାସ୍ତା।

# ପାଣିରେ ବୁଡ଼ି ନାବାଳକ ମୃତ

ଅନୁଗୋଳ, ୩୦।୭ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ଗଡ଼ତଇଳା ଅଞ୍ଚଳର ନରୋତ୍ତମ ପ୍ରଧାନଙ୍କ ପୁଅ ରଞ୍ଜିତ ପ୍ରଧାନ(୧୭) ମାଛ ମାରୁଥିବା ସମୟରେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସଦର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ରଞ୍ଜିତ ଅଜାଙ୍କ ସହ ବିଲକୁ ଯାଇଥିବାବେଳେ ସେଠାରେ ମାଛ ମାରୁଥିଲେ। ଏହି ସମୟରେ ଅସାବଧନତା କାରଣରୁ ସେ ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଳା ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସାଇବର କ୍ରାଇମ୍ ପ୍ରତି ସତର୍କ ରୁହ

## ଷ୍ଟଡି ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ

ଢେଙ୍କାନାଳ,୩୦।୭(ରତନ ନାୟାର)

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ଷ୍ଟଡି ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଏଜୁକେଶନର ପ୍ରଥମ ବାର୍ଷିକ ଉତ୍ସବ ଗୁଡିଆନାଳୀସ୍ଥିତ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ସାଇବର କ୍ରାଇମ୍ ପ୍ରତି ସତର୍କ ରହିବା, ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଆଗେଇ ଆସିବାକୁ ଏସ୍‌ପି ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମୃତ୍ୟୁଞ୍ଜୟ ନାୟକ, ସମ୍ମାନିତ ଅତିଥି ଇନ୍ଦିପୁର କଲେଜ ଅଧକ୍ଷ ପ୍ରଦୀପ ମିଶ୍ର, ଦୀପ୍ତିବାଳା ମିଶ୍ର, କାଉନ୍‌ସିଲର ଅଭିମନ୍ୟୁ ପଣ୍ଡା ପ୍ରମୁଖ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଆଶିଷ ପଣ୍ଡା, ସମ୍ପାଦକ ଅଭିନାଶ ପଣ୍ଡା, ଶିକ୍ଷକ ସୌମ୍ୟକାନ୍ତ ପତି, ଆଶୁତୋଷ ତ୍ରିପାଠୀ, ରଣଜିତ ସାହୁ, ସୋନିସ୍ମିତା, ରୂପଶ୍ରୀ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ୟୁଟ୍ୟୁବର ଅନୁଗୁଳିଆ ବଣ୍ଟି ଓ ରାପର ଜଗନ୍ନାଟ୍ ସିଂ ମନୋରଞ୍ଜନ କରାଇଥିଲେ।


ସମାରୋହରେ ଅତିଥିମାନେ।

# ପ୍ରକୃତି ସଂରକ୍ଷଣ ଅପରିହାର୍ଯ୍ୟ



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଛେଣ୍ଡିପଦା,୩୦।୭(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣୀବିଲ ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣବିଲ ଜୈବବିବିଧତା ପରିଚାଳନା ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସହଯୋଗ କରିଥିଲା। ଜିଲା ପରିଷଦ ସଦସ୍ୟ ଏବଂ ପ୍ରକୃତିପ୍ରେମୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକୃତି ସଂରକ୍ଷଣରେ ଛାତ୍ରୀଛାତ୍ରମାନଙ୍କ ରହିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ପରାମର୍ଶ ଦେଇଥିଲେ। ଛାତ୍ର ଜୀବନରୁ ପ୍ରକୃତିକୁ ଜାଣିବା, ଏହାର ସଂରକ୍ଷଣ ଏବଂ ପ୍ରାକୃତିକ ସମ୍ପଦର ଠିକ୍ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସରପଞ୍ଚ ଲକ୍ଷ୍ମୀପ୍ରିୟା ଧଳ ଛାତ୍ରୀଛାତ୍ରମାନେ ଚାରା ରୋପଣ କରି ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା, ସହକାରୀ ଶିକ୍ଷୟିତ୍ରୀ ଜୋତିର୍ମୟୀ ସାହୁ, ଗ୍ରାମ ସଭାପତି ସରୋଜ ସାହୁ, ସମିତି ଅଧକ୍ଷ ଲକ୍ଷ୍ମୀଧର ସାହୁ, ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିବା ବେଳେ ସମିତି ସଂଯୋଜକ ସୁବ୍ରତ ପ୍ରଧାନ ଓ ପ୍ରିୟବ୍ରତ ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଓପନ କୁଇଜ ଆୟୋଜନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବାଲୁଙ୍କେଶ୍ୱର ପୀଠରେ ଲାଗିଲା ଚାରା

ଢେଙ୍କାନାଳ, ୩୦।୭(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଆମ୍ବପଡ଼ା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା' ବ୍ରାହ୍ମଣୀ ଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଏକାଠି ହୋଇ କରଞ୍ଜ, ଅର୍ଜୁନ, ବେଲ, ବଉଳ, ଶାଳ, ଜାମୁ ଓ ଅଁଳା ଆଦି ପ୍ରଜାତିର ଚାରା ରୋପଣ କରିଥିଲେ। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ପଣ୍ଡିତ ଅର୍ଜୁନ ପଣ୍ଡା, କମଳ ମିଶ୍ର, ନରେଶ ପଣ୍ଡା, ପୂର୍ବତନ ସମିତିସଭ୍ୟା ବନ୍ଦିତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ଭୃଗୁଲତା ପଣ୍ଡା, ଅମ୍ବିକା ପାଣିଗ୍ରାହୀ, ବିନୋଦିନୀ ପଣ୍ଡା, ସୀତା ଲେଙ୍କା, ମୀନାକ୍ଷୀ ପାଣିଗ୍ରାହୀ, ରୁକୁଣା ପାଣିଗ୍ରାହୀ, ସରୋଜିନୀ ହୋତା, ଗୀତାଞ୍ଜଳି ଦାସ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।


ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାରା ଲଗାଯାଉଛି।

